# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07 November – 2025**

*********************************

## ମୁଖ୍ୟ ସମ୍ବାଦ

- ବନ୍ଦେ ମାତରମ୍ - ଆଗାମୀ ପିଢ଼ିକୁ ଅନୁପ୍ରାଣୀତ କରିବା ସହ ଦେଶପ୍ରେମର ଭାବାନା ଜାଗ୍ରତ କରିଛି, କହିଲେ ପ୍ରଧାନମନ୍ତ୍ରୀ

— ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷେବ୍ୟାପୀ ସ୍ମାରକୀ ଉତ୍ସବର କଲେ ଶୁଭାରମ୍ଭ

- ଓଡ଼ିଶାରେ ସଡକ ଭିତ୍ତିଭୂମିର ବିକାଶ ପାଇଁ ଅତିରିକ୍ତ ୧ ହଜାର କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ

- ନୂଆପଡ଼ା ଉପନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପ୍ରଚାର ଉପରେ କଟକଣା ନେଇ ନିର୍ଦ୍ଦେଶାବଳୀ ଜାରି କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଏବଂ

- କର୍କଟ ରୋଗ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ କର୍କଟ ସଚେତନତା ଦିବସ

# ପିଏମ୍-ବନ୍ଦେମାତରମ୍

ବନ୍ଦେ ମାତରମ୍ ଏକ ମନ୍ତ୍ର, ଏକ ସ୍ୱପ୍ନ, ଭାରତମାତା ପ୍ରତି ଏକ ସଂକଳ୍ପ ଏବଂ ଏକ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ବର୍ଷବ୍ୟାପୀ ସ୍ମାରକୀ ଉତ୍ସବର ଶୁଭାରମ୍ଭ କରି ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ସମସ୍ତ ଲକ୍ଷ୍ୟକୁ ହାସଲ କରିପାରିବେ। ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଅବସର। 'ବନ୍ଦେ ମାତରମ୍' ଏକ ଉତ୍ସାହଜନକ ଆହ୍ୱାନ, ଯାହା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିଛି ଏବଂ ସମଗ୍ର ଦେଶରେ ଦେଶପ୍ରେମର ଭାବନା ଜାଗ୍ରତ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O (PM)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ସ୍ମାରକ ଡାକଟିକଟ ଏବଂ ମୁଦ୍ରା ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀ *Vande Mataram 150.in* ନାମକ ଏକ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି।

## ବନ୍ଦେ ମାତରମ

ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମଧ୍ୟରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର

ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ବନ୍ଦେ ମାତରଂ ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ। ଆଜିଠାରୁ ୧ ବର୍ଷ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବନ୍ଦେ ମାତରମ୍‌ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହା ଆମର ଜାତୀୟ ଗର୍ବ ଏବଂ ସାଂସ୍କୃତିକ ଚେତନାର ଏକ ମୂହୂର୍ତ୍ତ, ଯାହା ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମ ଜାଗ୍ରତ କରୁଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତିକାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। **ଏମ୍ସ୍ ଭୁବନେଶ୍ୱର**ରେ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। **ଦେବଗଡ଼**, **ବୌଦ୍ଧ, ରାୟଗଡ଼ା, ଯାଜପୁର, ଖୋର୍ଦ୍ଧା** ଜିଲ୍ଲାରେ ଏହି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ସଡକ ଯୋଗାଯୋଗ ଭିତ୍ତିଭୂମିମ କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଏବଂ ନବସୃଜନ ଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ ବୋଲି କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଆଜି ଇଣ୍ଡିଆନ୍ ରୋଡ୍ କଂଗ୍ରେସର ୮୪ତମ ବାର୍ଷିକ ଅଧିବେଶନକୁ ଉଦ୍‌ଘାଟନ କରି ଶ୍ରୀ ଗଡକରୀ କହିଛନ୍ତି, ବିଶ୍ୱଗୁରୁ ହେବାକୁ ହେଲେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ହେବ। ଦେଶରେ ସଡକ

ଭିତ୍ତିଭୂମି ନିର୍ମାଣ ପାଇଁ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଏହି ଅବସରରେ ଶ୍ରୀ ଗଡକରୀ ସଡକ ଦୁର୍ଘଟଣା ହ୍ରାସ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସବୁଜ ହାଇଡ୍ରୋଜେନ୍ ଚାଳିତ ବାହନ ଚଳାଚଳ ପାଇଁ କାର୍ଯ୍ୟକାରୀ ହେଉଥିବା ୧୦ଟି ପ୍ରକଳ୍ପ ମଧ୍ୟରେ ଓଡ଼ିଶାରେ ଗୋଟିଏ ପ୍ରକଳ୍ପ ରହିଛି । ଓଡ଼ିଶାରେ ସଡକ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ରୀୟ ସଡକ ଭିତ୍ତିଭୂମି ପାଣ୍ଠିରୁ ଅତିରିକ୍ତ ହଜାରେ କୋଟି ଟଙ୍କା ମଞ୍ଜୁର ହୋଇଥିବା ଶ୍ରୀ ଗଡକରୀ କହିଛନ୍ତି ।

**- V/O - (**ନୀତିନ ଗଡକରୀ**)**

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଲାଗି ରାଜ୍ୟ ସରକାର ସଡକ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟରେ ଆସନ୍ତା ୨୦୨୯ ମସିହା ସୁଦ୍ଧା ୧ ହଜାର କିଲୋମିଟର ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ମାଝୀ କହିଛନ୍ତି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ଦେଶବିଦେଶରୁ ୩ ହଜାର ୫୦୦ ରୁ ଅଧିକ ପ୍ରତିଭାଗୀ ଯୋଗଦେଇଛନ୍ତି ।

## ହକି-୧୦୦ ବର୍ଷ

ଭାରତୀୟ ହକି ଚଳିତ ବର୍ଷ ୧୦୦ ବର୍ଷ ପୂରଣ କରିଛି । ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ଆଜି ହକି ଇଣ୍ଡିଆ ସହ କେନ୍ଦ୍ର କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭାରତୀୟ

ହକିର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେଶର ୫୫୦ରୁ ଅଧିକ ଜିଲ୍ଲାରେ ସମାନ୍ତରାଳ ଭାବରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଏହି ଅବସରରେ 'ଭାରତୀୟ ହକିର ୧୦୦ ବର୍ଷ' ନାମକ ସ୍ମାରକୀ ପୁସ୍ତକ ଉନ୍ମୋଚନ ହୋଇଯାଇଛି।

ହକି ଖେଳକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ୨୦୩୬ ମସିହା ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଛନ୍ତି।

## ନିର୍ବାଚନ କଟକଣା

ନୂଆପଡ଼ା ଉପନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ଉପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍ ଗୋପାଳନ୍ କଟକଣା ନେଇ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ମତଦାତାମାନଙ୍କ ପାଇଁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି କଟକଣା ଜାରି କରାଯାଇଛି।

ନିର୍ଦ୍ଦେଶାବଳୀଗୁଡ଼ିକୁ ସମସ୍ତ ଅଂଶୀଦାର କଡାକଡି ଭାବେ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବ ଅବଧି ସମସ୍ତ ପ୍ରକାର ପ୍ରଚାର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ନିର୍ବାଚନମଣ୍ଡଳୀ ବାହାରୁ ଆସିଥିବା ରାଜନୈତିକ କାର୍ଯ୍ୟକର୍ତ୍ତା ଓ ବ୍ୟକ୍ତିବିଶେଷ ପ୍ରଚାର ଅବଧି ଶେଷ ହେବା ପରେ ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ରହିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ନୂଆପଡାରେ ଆସନ୍ତା ୧୧ ତାରିଖରେ ଭୋଟଗ୍ରହଣ ହେବା ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## ଯୌତୁକ ନିଷେଧ କାର୍ଯ୍ୟକ୍ରମ

**କଳାହାଣ୍ଡି** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୌତୁକ ନିଷେଧ ଆଇନ୍ ୧୯୬୧ ବିଷୟରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୌତୁକ ନିରୋଧି ଆଇନ୍‌ର ବିଭିନ୍ନ ଦିଗ ଏବଂ ସଚେତନତା ବୃଦ୍ଧି ସଂକ୍ରାନ୍ତରେ ଆଲୋଚନା ହୋଇଛି।

## ସାକ୍ଷରତା ଶିବିର

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡ ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ବ୍ଲକ୍‌ଠାରେ ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱଳ୍ପ ସଂଞ୍ଚୟ ଯୋଜନା, ସୁରକ୍ଷିତ ସଂଚୟ, ସାଇବର ଅପରାଧ ସମ୍ବନ୍ଧରେ ଆଲୋଚନା ହୋଇଛି।

## ସୁରଭି

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ବ୍ରଜମୋହନ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସୁରଭି-୨୦୨୫ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୩ଟି ବ୍ଲକ୍‌ରୁ ପ୍ରଥମ ହୋଇ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ଆଦର୍ଶ ସଂସଦ

**ବୌଦ୍ଧ** ଟାଉନ୍‌ହଲ୍ ପରିସରରେ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଛାୟା ସଂସଦରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇଥିଲେ।

## ପ୍ରାଣୀସମ୍ପଦ ମେଳା

ରାଜ୍ୟର ବିଭିନ୍ନ ସ୍ଥାନରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଛି।

**ନବରଙ୍ଗପୁର** ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସ୍ଥାନୀୟ ଡିପିଆରସି ପଡିଆଠାରେ ଅନୁଷ୍ଠିତ ହେଉଛି। ମେଳାରେ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞ ଆଲୋଚନାଚକ୍ର ବିଭିନ୍ନ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ନୟାଗଡ଼** ଜିଲ୍ଲା ନୂଆଗାଁ ବ୍ଲକ୍ ହାଇସ୍କୁଲ ଖେଳ ପଡିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଫଳ ମତ୍ସ୍ୟ ଚାଷୀ ଏବଂ ଗୋପାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

# ଜାତୀୟ କ୍ୟାନ୍‌ସର ସଚେତନତା ଦିବସ

କର୍କଟ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ କର୍କଟ ସଚେତନତା ଦିବସ। ଚଳିତ ବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ଅନନ୍ୟ ପାଇଁ ଏକତ୍ରିତ ହେବା' ।

କେନ୍ଦ୍ର ସରକାର ୧୯୭୫ ମସିହାରେ ଜାତୀୟ କର୍କଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ୨୦୧୪ ମସିହାରୁ ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ କରାଯାଉଛି।

କର୍କଟ ରୋଗର କାରଣ ଓ ନିରାକରଣ ନେଇ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ନିହାରିକା ପଣ୍ଡା କହିଛନ୍ତି।

**- V/O –**

**ହକି**

ହକି ଖେଳର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ **ନୟାଗଡ଼** ଜିଲ୍ଲା ରଣପୁର ହକି ଗ୍ରାସ୍‌ରୁଟ୍ ସେଣ୍ଟରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ସମେତ କ୍ରୀଡାପ୍ରେମୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ନାଗରିକ ଯୋଗ ଦେଇ ହକି ଖେଳର ଉନ୍ନତି ସମ୍ପର୍କରେ ନିଜର ମତାମତ ରଖିଥିଲେ ।

## ମାଣ୍ଡିଆ ଦିବସ

**ଯାଜପୁର** ଜିଲ୍ଲା ମିଶନଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାସ୍ତରରେ ଶ୍ରୀଅନ୍ନ ଓ ଖାଦ୍ୟମେଳାର ଆୟୋଜନ କରାଯାଇଛି ।

**ଖୋର୍ଦ୍ଧା** ଜିଲ୍ଲା କୃଷି ଉନ୍ନୟନ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମାଣ୍ଡିଆର ମୂଲ୍ୟଯୁକ୍ତ ଉତ୍ପାଦର ବଜାର ଉପଲବ୍ଧତା ସମ୍ପର୍କରେ ଆଲୋଚନା ହୋଇଛି ।

## ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର**ର ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଦୁଇ ଦିନ ଧରି ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟର ୧୬ଟି ଜିଲ୍ଲାରୁ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ପ୍ରତିଯୋଗିତାରେ ଯେଉଁ ଛାତ୍ରଛାତ୍ରୀ ଉନ୍ନତ ଖେଳ ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିବେ ସେମାନେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।